**Signature and Name of Invigilator**

1. (Signature) ____________________________

   (Name) ____________________________

2. (Signature) ____________________________

   (Name) ____________________________

Roll No. | | | | | | | | |

(In figures as per admission card)

Roll No.____________________________

(In words)

**Test Booklet No.**

**D-2309**

Time : **2 $^1/_2$** hours]

# PAPER-III
# ORIYA

[Maximum Marks : **200**

Number of Pages in this Booklet : **32**

Number of Questions in this Booklet : **26**

## Instructions for the Candidates

1. Write your roll number in the space provided on the top of this page.
2. Answer to short answer/essay type questions are to be given in the space provided below each question or after the questions in the Test Booklet itself.

   **No Additional Sheets are to be used.**
3. At the commencement of examination, the question booklet will be given to you. In the first 5 minutes, you are requested to open the booklet and compulsorily examine it as below :
   (i) To have access to the Question Booklet, tear off the paper seal on the edge of this cover page. Do not accept a booklet without sticker-seal and do not accept an open booklet.
   (ii) **Tally the number of pages and number of questions in the booklet with the information printed on the cover page. Faulty booklets due to pages/questions missing or duplicate or not in serial order or any other discrepancy should be got replaced immediately by a correct booklet from the invigilator within the period of 5 minutes. Afterwards, neither the Question Booklet will be replaced nor any extra time will be given.**
4. Read instructions given inside carefully.
5. One page is attached for Rough Work at the end of the booklet before the Evaluation Sheet.
6. If you write your name or put any mark on any part of the Answer Sheet, except for the space allotted for the relevant entries, which may disclose your identity, you will render yourself liable to disqualification.
7. You have to return the test booklet to the invigilators at the end of the examination compulsorily and must not carry it with you outside the Examination Hall.
8. **Use only Blue/Black Ball point pen.**
9. **Use of any calculator or log table etc., is prohibited.**

## परीक्षार्थियों के लिए निर्देश

1. पहले पृष्ठ के ऊपर नियत स्थान पर अपना रोल नम्बर लिखिए ।
2. लघु प्रश्न तथा निबंध प्रकार के प्रश्नों के उत्तर, प्रत्येक प्रश्न के नीचे या प्रश्नों के बाद में दिये हुए रिक्त स्थान पर ही लिखिये ।

   **इसके लिए कोई अतिरिक्त कागज का उपयोग नहीं करना है ।**
3. परीक्षा प्रारम्भ होने पर, प्रश्न-पुस्तिका आपको दे दी जायेगी । पहले पाँच मिनट आपको प्रश्न-पुस्तिका खोलने तथा उसकी निम्नलिखित जाँच के लिए दिये जायेंगे जिसकी जाँच आपको अवश्य करनी है :
   (i) प्रश्न-पुस्तिका खोलने के लिए उसके कवर पेज पर लगी कागज की सील को फाड़ लें । खुली हुई या बिना स्टीकर-सील की पुस्तिका स्वीकार न करें ।
   (ii) **कवर पृष्ठ पर छपे निर्देशानुसार प्रश्न-पुस्तिका के पृष्ठ तथा प्रश्नों की संख्या को अच्छी तरह चैक कर लें कि ये पूरे हैं । दोषपूर्ण पुस्तिका जिनमें पृष्ठ/प्रश्न कम हों या दुबारा आ गये हों या सीरियल में न हों अर्थात किसी भी प्रकार की त्रुटिपूर्ण पुस्तिका स्वीकार न करें तथा उसी समय उसे लौटाकर उसके स्थान पर दूसरी सही प्रश्न-पुस्तिका ले लें । इसके लिए आपको पाँच मिनट दिये जायेंगे । उसके बाद न तो आपकी प्रश्न-पुस्तिका वापस ली जायेगी और न ही आपको अतिरिक्त समय दिया जायेगा ।**
4. अन्दर दिये गये निर्देशों को ध्यानपूर्वक पढ़ें ।
5. उत्तर-पुस्तिका के अन्त में कच्चा काम (Rough Work) करने के लिए मूल्यांकन शीट से पहले एक पृष्ठ दिया हुआ है ।
6. यदि आप उत्तर-पुस्तिका पर अपना नाम या ऐसा कोई भी निशान जिससे आपकी पहचान हो सके, किसी भी भाग पर दर्शाते या अंकित करते हैं तो परीक्षा के लिये अयोग्य घोषित कर दिये जायेंगे ।
7. आपको परीक्षा समाप्त होने पर उत्तर-पुस्तिका निरीक्षक महोदय को लौटाना आवश्यक है और इसे परीक्षा समाप्ति के बाद अपने साथ परीक्षा भवन से बाहर न लेकर जायें ।
8. **केवल नीले/काले बाल प्वाईंट पैन का ही इस्तेमाल करें ।**
9. **किसी भी प्रकार का संगणक (कैलकुलेटर) या लाग टेबल आदि का प्रयोग वर्जित है ।**

## FOR OFFICE USE ONLY

| Marks Obtained | |
|---|---|
| Question Number | Marks Obtained |
| 1 | |
| 2 | |
| 3 | |
| 4 | |
| 5 | |
| 6 | |
| 7 | |
| 8 | |
| 9 | |
| 10 | |
| 11 | |
| 12 | |
| 13 | |
| 14 | |
| 15 | |
| 16 | |
| 17 | |
| 18 | |
| 19 | |
| 20 | |
| 21 | |
| 22 | |
| 23 | |
| 24 | |
| 25 | |
| 26 | |

Total Marks Obtained (in words) ..........................................

(in figures) ..........................................

Signature & Name of the Coordinator ..................................

(Evaluation) Date .........................

**ORIYA**
ଓଡ଼ିଆ

**Paper – III**
ତୃତୀୟ ପତ୍ର

**Note :** This paper is of **two hundred (200)** marks containing **four (4)** sections. Candidates are required to attempt the questions contained in these sections according to the detailed instructions given therein.

ଏହି ପତ୍ରଟି **ଦୁଇଶହ (200)** ନମ୍ବର ବିଶିଷ୍ଟ । ଏହାର **ଚାରିଟି (4)** ବିଭାଗ ରହିଛି । ପ୍ରତ୍ୟେକ ବିଭାଗରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ସେଇ ବିଭାଗର ପ୍ରଶ୍ନ ଗୁଡ଼ିକର ଉତ୍ତର ଦିଅ ।

## SECTION – I
## ବିଭାଗ – I

**Note :** Answer the **five** questions from the para given below. Each answer should not exceed **30** words. Each question carries **five** marks. **(5 × 5 = 25 Marks)**

ନିମ୍ନ ଗଦ୍ୟାଂଶକୁ ଭିତ୍ତି କରି ପ୍ରଦତ୍ତ **ପାଞ୍ଚୋଟି** ପ୍ରଶ୍ନର ଉତ୍ତର ଦିଅ । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ **ତିରିଶ** (30) ଶବ୍ଦ ମଧ୍ୟରେ ହେବା ଆବଶ୍ୟକ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **ପାଞ୍ଚ** (5) । **(5 × 5 = 25)**

କବି ମଧ୍ୟ ଜଣେ ସାମାଜିକ ମଣିଷ । ତେଣୁ ସମାଜ ପ୍ରତି ସେ ଦାୟିବଦ୍ଧ ହେବା ସର୍ବାଦୌ ତାର କବି ପଣିଆର ନିକଷ ହେବା କଥା । ଅବଶ୍ୟ କବିଟିଏ ସାଧାରଣ ମଣିଷ ମାନଙ୍କ ଠାରୁ ତାର ଆଚରଣରେ ନିଆରା ନିଆରା ଲାଗେ । ଅନେକଙ୍କ ମଧ୍ୟରେ ସେ ବାରି ହୋଇଯାଏ । ତା ମଧ୍ୟରେ ସବୁ ଜିନିଷକୁ ବା ପରିପାର୍ଶ୍ୱ ଜଗତକୁ ଦିଖିବାକୁ ଅନ୍ତର୍ଚକ୍ଷୁ ଥାଏ । ଭୂମିଠାରୁ ଭୂମା ପର୍ଯ୍ୟନ୍ତ, ଜଳର ସ୍ୱଚ୍ଛତା ଠାରୁ ଆକାଶର ଔଜଲ୍ୟ ପର୍ଯ୍ୟନ୍ତ, ଗରିବର କୁଟୀର ଠାରୁ ଧନୀର ସୌଧ ପର୍ଯ୍ୟନ୍ତ, ଜୀବନର ବାସ୍ତବତା ଠାରୁ କଳ୍ପନାର କୁହୁକ ପର୍ଯ୍ୟନ୍ତ ସବୁମିଶି ତା କବିତାରେ ଏକ ଅପୂର୍ବ ଦ୍ୱିଜତ୍ୱ ଲାଭ କରେ । ଏହାକୁ ରସାୟନ ଶାସ୍ତ୍ର ଭାଷାରେ ଏକ ପ୍ରକାର ଜାରଣ ପ୍ରକ୍ରିୟା ବୋଲି କୁହାଯାଇପାରେ । ଏଠି ବସ୍ତୁର ସ୍ୱରୂପ ପରିବର୍ତ୍ତିତ ହୋଇ ତାର ବସ୍ତୁତ୍ୱ ଉପରେ ଗୁରୁତ୍ୱ ଆରୋପ କରାଯାଏ । ତେଣୁ ସମସ୍ତଙ୍କ ଆଖିରେ ବହି ଯାଉଥିବା ନଦୀଟି କେବଳ ଜଳସ୍ରୋତ ଭାବେ ଦେଖା ଯାଉଥିଲା ବେଳେ କବି ଦୃଷ୍ଟିରେ ତାହା ଜୀବନ ସ୍ରୋତରେ ପରିଣତ ହୋଇଯାଇପାରେ । ଏପରିକି ନଦୀକୁ ନାରୀଟିଏ ଭାବରେ ମଧ୍ୟ କବି ଦେଖିପାରେ । ଖରାଦିନେ ସିକତିଳ ଶଯ୍ୟାରେ ବହିଯାଉଥିବା ଶୀତଳ ଓ ସ୍ୱଚ୍ଛ କ୍ଷୀଣସ୍ରୋତା ନଦୀ ଧାରଟି ଆଷାଢ ଶ୍ରାବଣରେ ପୂର୍ଣ୍ଣଗର୍ଭା ଭୟଙ୍କରୀ ଆବିଳରୂପ ଧାରଣ କଲାପରି ନାରୀଟିଏ କେତେବେଳେ ପ୍ରିୟବାଦିନୀ, ସ୍ନେହ ଶୀତଳ ଓ ଶାନ୍ତିପ୍ରଦ ହୋଇଥାଏ ତ ପୁଣି କେତେବେଳେ ରୁକ୍ଷ, ନିର୍ମମ ଓ ଧ୍ୱଂସ ପ୍ରବଣା ହୋଇପାରେ । ନଦୀ ତାର ସ୍ରୋତରେ ଭସାଇନେଇ ଆକ୍ତା ମାକ୍ତା କରି ମାରିଦେଲା ପରି ନାରୀଟିଏ କୌଣସି ପୁରୁଷକୁ ତାର ଇଙ୍ଗିତ ଓ ଆକର୍ଷଣରେ ଭସେଇ ନେଇ ଶେଷକୁ ତଳି ତଳାନ୍ତ କରିଦେଇ ପାରେ । ଅର୍ଥାତ୍ ନଦୀଠାରେ ଯେଉଁପରି ଭୟଙ୍କରିତା ଓ କୋମଳତା ଉଭୟ ଗୁଣର ସମାହାର ହୋଇଥିବା ଦେଖିବାକୁ ମିଳେ ନାରୀ ସେହିପରି କେତେବେଳେ ମମତାମୟୀ ଶୁଭଙ୍କରୀ ତ କେତେବେଳେ ଉଗ୍ର ଓ ଉଚ୍ଛନ୍ନ ହୋଇପାରେ । ତେଣୁ ଉପେନ୍ଦ୍ର ଭଞ୍ଜ ନାରୀ ଓ ନଦୀ ମଧ୍ୟରେ ତାଙ୍କ ନିଜସ୍ୱ ଉପଲବ୍ଧିରେ କୌଣସି ତଫାତ୍ ଦେଖିନଥିଲେ । ଫୁଲଠାରୁ ଭୋକ ପର୍ଯ୍ୟନ୍ତ, ମଣିଷ ଠାରୁ ପ୍ରକୃତି, ସମ୍ପଦ ଠାରୁ ଶୋଷଣ, ତ୍ୟାଗ ଠାରୁ ସମ୍ଭୋଗ ପର୍ଯ୍ୟନ୍ତ ସବୁକିଛି କବିର ଦୃଷ୍ଟିରେ ଧରାଦେଇ ଜୀବନ ପାଇଁ ଭିନ୍ନ-ଭିନ୍ନ ସଂଦେଶ ବହନ କରୁଥିବାରୁ କବିଟିର ନିଆରା ପଣକୁ ସମାଜର ସୂକ୍ଷ୍ମ ଓ ଅନୁଭବ ସଂପନ୍ନ ଲୋକମାନେ କାଳେକାଳେ ତାରିଫ୍ କରିଥାଆନ୍ତି । ତଥାପି କବିଟିଏ ତାର ସମାଜ ଓ ପରିପାର୍ଶ୍ୱ ପ୍ରତି ଦାୟିତ୍ୱବଦ୍ଧ ହେବାକୁ ସେମାନେ ଆଶା କରନ୍ତି ଓ ଚାହାନ୍ତି ସେମାନଙ୍କ ଆଶା ଓ ବିଶ୍ୱାସର କେବେ ବି ଦୁରୋପଯୋଗ ନହେଉ ।

**ପ୍ରଶ୍ନାବଳୀ**

1. କବିର ନିଆରା ପଣ କହିଲେ କ'ଣ ବୁଝ ?

2. କବି ଦୃଷ୍ଟିରେ ଜାରଣ ପ୍ରକ୍ରିୟା କହିଲେ କ'ଣ ବୁଝାଯାଏ ?

3. ନଦୀ ଓ ନାରୀ କବିତାରେ କାହିଁକି ସମଗୋତ୍ରୀୟ ବିବେଚିତ ହୁଅନ୍ତି ?

4. କବି ଦୃଷ୍ଟିରେ ପରିପାର୍ଶ୍ୱର ଚିତ୍ର କହିଲେ କ'ଣ ବୁଝ ?

5. ସମାଜ ପ୍ରତି କବିର ଦୃଷ୍ଟିଭଙ୍ଗୀ କ'ଣ ହେବା ଉଚିତ ବୋଲି ଅନୁଭବୀ ଜନସାଧାରଣ ଆଶା କରନ୍ତି ?

## SECTION – II
## ବିଭାଗ – II

**Note :** This part has **fifteen (15)** definitional questions of **five (5)** marks each to be answered in upto **thirty (30)** words. **(15 × 5 = 75 Marks)**

ଏହି ବିଭାଗରେ **ପନ୍ଦର (15)ଟି** ପ୍ରଶ୍ନ ରହିଛି । ପ୍ରତ୍ୟେକ ପ୍ରଶ୍ନର ଉତ୍ତର ପ୍ରାୟ୍ **ତିରିଶ (30)** ଶବ୍ଦ ମଧ୍ୟରେ ହେବା ଆବଶ୍ୟକ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **ପାଞ୍ଚ (5)** । **(15 × 5 = 75)**

6. ଉଦାହରଣ ସହିତ 'ତାଡ଼ିତ' ଧ୍ୱନିର ଆଲୋଚନା କର ।

7. ଅଷ୍ଟ୍ରିକ୍ ଭାଷା ପରିବାର ଉପରେ ସଂକ୍ଷିପ୍ତ ଟିପ୍‌ପଣୀ ଦିଅ ।

8. ଲୋକତତ୍ତ୍ୱରେ 'ମିଥ୍' କ'ଣ ?

9. ପଢ଼ଳି ଓ ପ୍ରବାଦ ମଧ୍ୟରେ ପାର୍ଥକ୍ୟ ନିରୂପଣ କର ।

10. ସନ୍ଥ କବି ଭାବେ ଭୀମଭୋଇଙ୍କର ପରିଚୟ ପ୍ରଦାନ କର ।

11. ସାରଳାଦାସଙ୍କ ମହାଭାରତରେ ଓଡ଼ିଆ ପାରିବାରିକ ଜୀବନ ଚିତ୍ରର କେତୋଟି ଦୃଷ୍ଟାନ୍ତ ପ୍ରଦାନ କର ।

12. ଶାକ୍ତ ଧର୍ମ ପ୍ରଭାବିତ ଓଡ଼ିଆ ସାହିତ୍ୟ ସମ୍ପର୍କରେ ସୂଚନା ଦିଅ ।

13. ଚର୍ଯ୍ୟାଗୀତିକାରେ ସନ୍ଧାଭାଷାର ଅର୍ଥ କ'ଣ ?

14. ଆଧୁନିକ ଓଡ଼ିଆ ସାହିତ୍ୟର ଉନ୍ମେଷ ପର୍ବରେ ପ୍ରକାଶିତ ପାଞ୍ଚୋଟି ବିଶିଷ୍ଟ ସାହିତ୍ୟ ପତ୍ରିକାର ନାମୋଲ୍ଲେଖ କରି ସେମାନଙ୍କ ଅବଦାନ ସମ୍ପର୍କରେ ସୂଚନା ଦିଅ ।

15. ଓଡ଼ିଆ ଗଦ୍ୟର ଭାଷାକୁ ସ୍ୱାତନ୍ତ୍ର୍ୟ ପ୍ରଦାନ କରିବାରେ ଫକୀରମୋହନଙ୍କ ଭୂମିକା ନିରୂପଣ କର ।

16. ବିଶ୍ୱନାଥ କରଙ୍କ ପ୍ରବନ୍ଧର ସାମାଜିକ ଦୃଷ୍ଟିଭଙ୍ଗୀ ବିଷୟରେ ସୂଚନା ଦିଅ ।

17. ମାୟାଧର ମାନସିଂହଙ୍କ ରୋମାଣ୍ଟିକ କାବ୍ୟ ଦୃଷ୍ଟିର ପରିଚୟ ଦିଅ ।

18. ଉଦାହରଣ ସହ ଚିତ୍ରକଳ୍ପର ଆଭିମୁଖ୍ୟ ନିର୍ଣ୍ଣୟ କର ।

19. ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସ ଆଦିବାସୀ ଜୀବନ ଠାରୁ ନାଗରିକ ଜୀବନ ପର୍ଯ୍ୟନ୍ତ ପରିବ୍ୟାପ୍ତ – ସୂଚନା ଦିଅ ।

20. ଗୋପବନ୍ଧୁଙ୍କ ଉପରେ ପ୍ରକାଶିତ ଜୀବନୀଗ୍ରନ୍ଥ ମାନଙ୍କ ସମ୍ପର୍କରେ ଟିପ୍ପଣୀ ଦିଅ ।

## SECTION – III
## ବିଭାଗ – III

**Note :** This part has **five (5)** short-essay type questions of **twelve (12)** marks each to be answered in upto **(200)** words. The candidate may select **one** elective and answer all **five (5)** questions. **(12 × 5 = 60 Marks)**

ଏହି ବିଭାଗରେ ପ୍ରତ୍ୟେକ ଇଚ୍ଛାଧୀନ ସ୍ୱତନ୍ତ୍ରପତ୍ରରେ **ପାଞ୍ଚଟି (5)** ପ୍ରଶ୍ନ ରହିଛି । ପରୀକ୍ଷାର୍ଥୀଙ୍କୁ କେବଳ **ଗୋଟିଏ** ଇଚ୍ଛାଧୀନ ସ୍ୱତନ୍ତ୍ରପତ୍ର ବାଛି ସେହି ପତ୍ରରୁ **ପାଞ୍ଚଟି (5)** ପ୍ରଶ୍ନର ଉତ୍ତର ଦେବାକୁ ହେବ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **ବାର** (12) ଏବଂ ଏହାକୁ ପ୍ରାୟ **ଦୁଇଶହ (200)** ଶବ୍ଦରେ ଲେଖିବାକୁ ହେବ ।**(12 × 5 = 60)**

### Elective – I
### ଲୋକସାହିତ୍ୟ

21. ଓଡ଼ିଆ ଲୋକଗୀତରେ କରୁଣରସର ଚିତ୍ର ପ୍ରଦାନ କର ।

22. ଲୋକସାହିତ୍ୟ ଅଧ୍ୟୟନରେ ବ୍ୟବହୃତ ବିଭିନ୍ନ ପଦ୍ଧତିର ସଂକ୍ଷିପ୍ତ ପରିଚୟ ଦିଅ ।

23. ଗାଳ୍ପିକ ମନୋଜଦାସଙ୍କ ଗଳ୍ପରେ ଲୌକିକ ଉପାଦାନର ପ୍ରୟୋଗ କିପରି ହୋଇଛି ଉଲ୍ଲେଖ କର ।

24. ଲୋକ କାହାଣୀର ଗଠନ କୌଶଳ ସମ୍ପର୍କରେ ସୂଚନା ଦିଅ ।

25. ଓଡ଼ିଆ ଲୋକନାଟକର ପରିବେଷଣ କୌଶଳ ସମ୍ପର୍କରେ ଆଲୋଚନା କର ।

### Elective – II
### ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ

21. ବୈଷ୍ଣବଧର୍ମରେ ଜ୍ଞାନଭକ୍ତି ଓ ପ୍ରେମଭକ୍ତି ଭିତରେ ପାର୍ଥକ୍ୟ ଦର୍ଶାଇ ଓଡ଼ିଆ ସାହିତ୍ୟରେ ତାହା କିଭଳି ପ୍ରକଟିତ ଆଲୋଚନା କର ।

22. ଦୈବୀଚରିତ୍ରରେ ମାନବତ୍ୱର ଆରୋପ ସାରଳା ମହାଭାରତର ଚରିତ୍ର ଗୁଡ଼ିକର ବୈଶିଷ୍ଟ୍ୟ ଆଲୋଚନା କର ।

23. ଅର୍ଜ୍ଜୁନଦାସ କିମ୍ବା ଭୂପତି ପଣ୍ଡିତଙ୍କ କବିତ୍ୱ ଓ କୃତିର ବୈଶିଷ୍ଟ୍ୟ ପ୍ରଦର୍ଶନ କର ।

24. ରୀତିକାବ୍ୟରେ ଶୃଙ୍ଗାରୀକତାର କାରଣ ଓ ବୈଶିଷ୍ଟ୍ୟ ଦର୍ଶାଅ ।

25. କିଶୋରଚନ୍ଦ୍ରାନନ୍ଦ ଚମ୍ପୂର ଚମ୍ପୂତ୍ୱ ନିର୍ଦ୍ଧାରଣ କର ।

## Elective – III
### ଆଧୁନିକ କାବ୍ୟକବିତା ଓ ନାଟକ

21. ରାଧାନାଥଙ୍କ ସମସାମୟିକ ବିଶିଷ୍ଟ କବିମାନଙ୍କର କାବ୍ୟସ୍ୱର ସମ୍ପର୍କରେ ପରିଚୟ ଦିଅ ।

22. କବି ସଚ୍ଚି ରାଉତରାୟ ଯେତିକି ପ୍ରଗତିବାଦୀ ସେତିକି ରୋମାଣ୍ଟିକ୍ – ଆଲୋଚନା କର ।

23. ଆଧୁନିକ ନାଟକରେ ଜାତିୟବାଦୀ ଭାବଧାରାର ପରିଚୟ ଦିଅ ।

24. ପ୍ରାକ୍-ସ୍ୱାଧୀନତା ଓଡ଼ିଆ ନାଟକ ଓ ରଙ୍ଗମଞ୍ଚର ବିକାଶ ସଂକ୍ଷେପରେ ଦର୍ଶାଅ ।

25. ଓଡ଼ିଆ ନାଟକରେ ରାଜନୈତିକ ବ୍ୟଙ୍ଗର ଅଭିବ୍ୟକ୍ତି ସମ୍ପର୍କରେ ଆଲୋଚନା କର ।

## Elective – IV
### ଆଧୁନିକ ଗଦ୍ୟ ସାହିତ୍ୟ

21. ବିଂଶଶତାବ୍ଦୀର ଆଦିପର୍ଯ୍ୟାୟରେ ଓଡ଼ିଆ କଥା ସାହିତ୍ୟର ବିକାଶକ୍ରମ ଦର୍ଶାଅ ।

22. ଫକୀରମୋହନଙ୍କ ଉପନ୍ୟାସ ସମୂହ ଓଡ଼ିଶାର ତତ୍କାଳୀନ ସାମାଜିକ ରାଜନୈତିକ ଇତିହାସ – ଆଲୋଚନା କର ।

23. ଓଡ଼ିଆ କ୍ଷୁଦ୍ରଗଳ୍ପରେ ସ୍ଥିତିବାଦୀ ଚେତନାର ସ୍ୱରୂପ ଦର୍ଶାଅ ।

24. ଓଡ଼ିଆ କ୍ଷୁଦ୍ରଗଳ୍ପକୁ ମନୋଜ ଦାସଙ୍କ ଅବଦାନ ସମ୍ପର୍କରେ ଆଲୋଚନା କର ।

25. ଓଡ଼ିଆ ପ୍ରବନ୍ଧ ସାହିତ୍ୟର ବିକାଶକ୍ରମ ଦର୍ଶାଅ ।

## Elective – V
### ଭାଷାତତ୍ତ୍ୱ

21. ଓଡ଼ିଆ ଭାଷାର ବିଭିନ୍ନ ଉପଭାଷା ସମ୍ପର୍କରେ ଉଲ୍ଲେଖ କରି ପଶ୍ଚିମ ଓଡ଼ିଶାର ଉପଭାଷାର ମୂଲ୍ୟାୟନ କର ।

22. ଓଡ଼ିଆ ସ୍ୱରଧ୍ୱନି ଗୁଡ଼ିକର ଧ୍ୱନ୍ୟାତ୍ମକ ଆଲୋଚନା ପ୍ରଦାନ କର ।

23. ଓଡ଼ିଆ ଓ ଦ୍ରାବିଡ଼ ଭାଷା ପରିବାରର ଭାଷା ମଧ୍ୟରେ ସମ୍ପର୍କ ଦର୍ଶାଅ ।

24. ଧ୍ୱନି ପରିବର୍ତ୍ତନର ସ୍ୱରୂପ ଦର୍ଶାଇ ଲୋପ, ଆଗମ ଓ ବିପର୍ଯ୍ୟୟର ପୃଥକ୍ ଭାବରେ ଆଲୋଚନା କର ।

25. ଓଡ଼ିଆ ବ୍ୟାକରଣ ଚର୍ଚ୍ଚାର ପରମ୍ପରା ଦର୍ଶାଅ ।

## SECTION – IV
## ବିଭାଗ – IV

**Note :** This part has one question of **forty (40)** marks to be answered in upto **(1000)** words. **(1 × 40 = 40 Marks)**

ଏହି ବିଭାଗରେ ଦିଆଯାଇଥିବା ପ୍ରବନ୍ଧ ଗୁଡ଼ିକ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରବନ୍ଧ **(1000)** ଶବ୍ଦରେ ଲେଖ । ଏହାର ମୂଲ୍ୟ **ଚାଳିଶ (40)** । **(1 × 40 = 40)**

26. (A) ସାହିତ୍ୟ ଓ ସାମାଜିକ ବିପ୍ଳବ

(B) ମା, ମାତୃଭୂମି ଓ ମାତୃଭାଷା

(C) ଗଣତାନ୍ତ୍ରିକ ବ୍ୟବସ୍ଥାରେ ସ୍ଥାନ ସଂରକ୍ଷଣ